## ସଂକ୍ଷେପରେ

### ବୁଦ୍ଧଖୋଲ ଦାନ ହୁଣ୍ଡି ଭାଙ୍ଗି ଚୋରି ଉଦ୍ୟମ

ବୁଗୁଡା,୧୮।୧(ଡି.ଏନ.ଏ.)-ବୁଗୁଡା ନିକଟସ୍ଥ ଐତିହାସିକ ଶୈବପୀଠ ବୁଦ୍ଧଖୋଲ ଶ୍ରୀଗଙ୍ଗାଧର ସ୍ୱାମୀଙ୍କ ମନ୍ଦିରରେ ଥିବା ଦାନ ହୁଣ୍ଡିର ତାଲା ଭାଙ୍ଗି କୌଣସି ଦୁର୍ବୃତ୍ତ ଚୋରି ଉଦ୍ୟମ କରିଥିବା ନେଇ ଥାନାରେ ଅଭିଯୋଗ ହୋଇଛି। ପ୍ରକାଶ ଯେ କୌଣସି ଦୁର୍ବୃତ୍ତ ଗତ ୧୬ ତାରିଖରେ ମନ୍ଦିରରେ ଥିବା ଦାନ ହୁଣ୍ଡିର ତାଲା ଭାଙ୍ଗି ଦେଇ ଚୋରି ଉଦ୍ୟମ କରିଥିଲେ। ତେବେ ମନ୍ଦିର ପୂଜାରୀ ଦ୍ୟୁତିକୃଷ୍ଣ ନନ୍ଦ ମଙ୍ଗଳବାର ସନ୍ଧ୍ୟାରେ ତାଲା ଭାଙ୍ଗି ଥିବା ନେଇ ବୁଦ୍ଧଖୋଲ ଉନ୍ନୟନ ସମିତିର ସମ୍ପାଦକ ସୁରେଶ ଚନ୍ଦ୍ର ଦାଶଙ୍କୁ ଖବର ଦେଇଥିଲେ। ସମିତିର ସଭ୍ୟମାନେ ହୁଣ୍ଡିର ତାଲା ଭାଙ୍ଗିଯାଇଥିବା ଦେଖିଥିଲେ। ପରେ ଘଟଣାର ତଦନ୍ତ ପାଇଁ ସମ୍ପାଦକ ଦାଶ ବୁଧବାର ବୁଗୁଡା ଥାନାରେ ଅଭିଯୋଗ କରିଛନ୍ତି।

### ଅଜଣା ବ୍ୟକ୍ତିଙ୍କ ମୃତଦେହ ଜବତ

ବଲସକୁମ୍ପା,୧୮।୧-କନ୍ଧମାଳ ଜିଲା ଖଜୁରୀପଡା ଥାନା ଅନ୍ତର୍ଗତ ଗୁଦାରି ଗ୍ରାମ ପଞ୍ଚାୟତର ତଳପଟି ସାହି ନିକଟ ଜଙ୍ଗଲରୁ ଅଜଣା ବ୍ୟକ୍ତିଙ୍କ ମୃତଦେହ ଜବତ କରିଛି ପୋଲିସ। ସ୍ଥାନୀୟ ଅଞ୍ଚଳର କିଛି ଲୋକ ଜଙ୍ଗଲକୁ ଯାଇଥିବା ବେଳେ ବ୍ୟକ୍ତିଙ୍କ ମୃତଦେହ ପଡ଼ିଥିବା ଦେଖି ଗ୍ରାମରକ୍ଷୀଙ୍କୁ ଖବର ଦେଇଥିଲେ। ପରେ ଖଜୁରୀପଡା ପୋଲିସ ଓ ସାଇଣ୍ଟିଫିକ ଟିମ ଘଟଣା ସ୍ଥଳରେ ପହଞ୍ଚି ମୃତଦେହ ଜବତ କରିଥିଲା। ବ୍ୟବଚ୍ଛେଦ ନିମନ୍ତେ ଫୁଲବାଣୀ ଜିଲା ମୁଖ୍ୟ ଚିକିତ୍ସାଳୟ ପଠାଇବା ସହ ଏ ସଂକ୍ରାନ୍ତରେ ଥାନାରେ ଏକ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଥିବା କହିଛନ୍ତି ତଦନ୍ତକାରୀ ଅଧିକାରୀ ଦୀନବନ୍ଧୁ ପ୍ରଧାନ।

### ପ୍ରଜାପିତା ବ୍ରହ୍ମାଙ୍କ ସ୍ମୃତି ଦିବସ

ଭଞ୍ଜନଗର,୧୮।୧(ଡି.ଏନ.ଏ)-ଭଞ୍ଜନଗର ପ୍ରଜାପିତା ବ୍ରହ୍ମାକୁମାରୀ ଈଶ୍ୱରୀୟ ବିଶ୍ୱବିଦ୍ୟାଳୟରେ ବୁଧବାର ପ୍ରଜାପିତା ବ୍ରହ୍ମାଙ୍କ ୫୪ତମ ସ୍ମୃତି ଦିବସ ପାଳିତ ହୋଇଯାଇଛି । ଭଞ୍ଜନଗର ଆଞ୍ଚଳିକ ପରିବହନ ଅଧିକାରୀ ଶୁଭେନ୍ଦୁ ରାୟ ମୁଖ୍ୟ ଅତିଥି ଭାବେ ଯୋଗଦେଇ କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରିବା ସହ ଆତ୍ମଜ୍ଞାନ ଓ ସହଜ ରାଜଯୋଗ ଅଭ୍ୟାସ ଦ୍ୱାରା ମାନବ ଚରିତ୍ର ସୁଧାର ହୋଇପାରିବ ବୋଲି କହିଥିଲେ। ବ୍ରହ୍ମକୁମାର ଅକ୍ଷୟ ସଭାକୁ ସଂଯୋଜନା କରିଥିବା ବେଳେ ବ୍ରହ୍ମାକୁମାରୀ ରାଜଯୋଗିନୀ ସନ୍ତୋଷିନି ମୁଖ୍ୟବକ୍ତା ଏବଂ ଶୁଳପାଣି ଶତପଥି ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ। ବ୍ରହ୍ମାକୁମାରୀ ଅନିତା ଓ ପିଙ୍କି ଅତିଥିମାନଙ୍କୁ ସ୍ୱାଗତ କରିଥିଲେ।

### ଆତ୍ମରକ୍ଷା ତାଲିମ ଶିବିର

ଆସିକା, ୧୮।୧ (ଡି.ଏନ.ଏ) ଆସିକା ବିଜ୍ଞାନ ମହାବିଦ୍ୟାଳୟରେ ବୁଧବାର ଠାରୁ ଯୁକ୍ତ୨ ଛାତ୍ରମାନଙ୍କ ଲାଗି ଏକ ଆତ୍ମରକ୍ଷା ତାଲିମ ଶିବିର ଆରମ୍ଭ ହୋଇଛି । କଲେଜ ଅଧକ୍ଷ ଡ. ଜୀବାନନ୍ଦ ତ୍ରିପାଠୀଙ୍କ ଅଧକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ପରିଚାଳନା କମିଟି ସଭାପତି ଡ. ପ୍ରସନ୍ନ କୁମାର ପ୍ରଧାନ ମୁଖ୍ୟ ଅତିଥି ଓ ମୁଖ୍ୟବକ୍ତା ରୂପେ ଡ. ସ୍ମିତାରାଣୀ ପଣ୍ଡା ଯୋଗଦେଇଥିଲେ । ଶିବିରକୁ ଅଧାପିକା ସାପା ରଞ୍ଜିତା ରାଣୀ ପରିଚାଳନା କରିଥିଲେ ।

### ପୋଲିସ ସହାୟକ କେନ୍ଦ୍ର ପରିଦର୍ଶନ କଲେ ଏସପି

ପୋଲସରା,୧୮।୧(ଡି.ଏନ.ଏ.)-ଗଞ୍ଜାମ ପୋଲିସ ଜିଲାର ନୂତନ ଭାବେ ଦାୟିତ୍ୱ ଗ୍ରହଣ କରିଥିବା ଆରକ୍ଷୀ ଅଧିକ୍ଷକ ଜଗମୋହନ ମିନା ପୋଲସରା ସହରରେ ଥିବା ପୋଲିସ ସହାୟତା କେନ୍ଦ୍ର ପରିଦର୍ଶନ କରିଥିଲେ। ପୋଲସରା ସହରର ପ୍ରାଣକେନ୍ଦ୍ରରେ ପରିତ୍ୟକ୍ତ ଅବସ୍ଥାରେ ଥିବା ପୁରୁଣା ଥାନାର କୋଠାକୁ ନବୀକରଣ କରାଯାଇ ତାହାକୁ ପୋଲିସ ସହାୟତା କେନ୍ଦ୍ରରେ ପରିଣତ କରାଯାଇଥିଲା। ଏହି ପୋଲିସ ସହାୟତା କେନ୍ଦ୍ରଟି ସହର ଆଇନଶୃଙ୍ଖଳା ପରିସ୍ଥିତିର ସହଜ ନିୟନ୍ତ୍ରଣ କରାଯାଉଥିବା ନେଇ ପୋଲସରା ଥାନାଧିକାରୀ ଜିତେନ୍ଦ୍ର କୁମାର ମଲ୍ଲିକ ଗଞ୍ଜାମ ଏସପିଙ୍କୁ ଅବଗତ କରାଇଥିଲେ। ଏକ ପରିଦର୍ଶକ ପୁସ୍ତିକା ମାଧମରେ ଲୋକଙ୍କ ମତାମତ ସଂଗ୍ରହ କରାଯାଉଥିବା ନେଇ ଦୃଷ୍ଟି ଆକର୍ଷଣ କରିଥିଲେ।

# ଗଜପତି ମହୋତ୍ସବ ଉଦ୍‌ଘାଟିତ



ଗଜପତି ମହୋତ୍ସବ ଉଦ୍‌ଘାଟନୀ ସନ୍ଧ୍ୟାରେ ମଞ୍ଚାସୀନ ଅତିଥିମାନେ।

ପାରଳାଖେମୁଣ୍ଡି, ୧୮।୧ (ଡି.ଏନ୍.ଏ) : ଗଜପତି ଜିଲା ସଦର ମହକୁମା ପାରଳାଖେମୁଣ୍ଡି ସ୍ଥିତ ଗଜପତି ଷ୍ଟାଡିୟମଠାରେ ପ୍ରବଳ ଜନସମାଗମ ତଥା ଉତ୍ସାହ ଉଦ୍ଦୀପନାରେ ବୁଧବାର ଉଦ୍‌ଘାଟିତ ହୋଇଛି ଜିଲାସ୍ତରୀୟ ଗଜପତି ମହୋତ୍ସବ-୨୦୨୩ । ପ୍ରଥମେ ସହରର ଜଗନ୍ନାଥ ମନ୍ଦିରଠାରେ ପୂର୍ବରୁ ରଖାଯାଇଥିବା ମଶାଲକୁ ଜ୍ୟୋତିକୁ ଏକ ବିଶାଳ ଶୋଭାଯାତ୍ରା ମାଧମରେ ଅପରାହ୍ନରେ ଉତ୍ସବ ସ୍ଥଳ ତଥା ଗଜପତି ଷ୍ଟାଡିୟମକୁ ନିଆଯାଇଥିଲା । ସନ୍ଧ୍ୟା ୮ଟାରେ ଆୟୋଜିତ କାର୍ଯ୍ୟକ୍ରମରେ ଜିଲାପାଳ ତଥା ଗଜପତି ଉତ୍ସବ ପାଳନ କମିଟିର ଅଧକ୍ଷ ଲିଙ୍ଗରାଜ ପଣ୍ଡାଙ୍କ ଅଧକ୍ଷତାରେ ଜିଲାସ୍ତରୀୟ ଉତ୍ସବରେ ମୁଖ୍ୟ ଅତିଥି ଭାବେ ବ୍ରହ୍ମପୁର ଏମପି ଚନ୍ଦ୍ରଶେଖର ସାହୁ ଯୋଗଦେଇ ପ୍ରଦୀପ ପ୍ରଜ୍ୱଳନ କରି ଶୁଭ ଉଦ୍‌ଘାଟନ କରିଥିଲେ। ଏହି କାର୍ଯ୍ୟକ୍ରମରେ ପାରଳାଖେମୁଣ୍ଡି ବିଧାୟକ କେ.ନାରାୟଣ ରାଓ, ମୋହନା ବିଧାୟକ ଦାଶରଥି ଗମାଙ୍ଗ, ସ୍ୱତନ୍ତ୍ର ଉନ୍ନୟନ ପରିଷଦର ଅଧକ୍ଷା ମୋରିୟମ ରଇତ, ଜିଲା ପରିଷଦ ଅଧକ୍ଷ ଜି.ତିରୁପତି ରାଓ, ଜିଲା ଆରକ୍ଷୀ ଅଧିକ୍ଷକ ସ୍ୱାତୀ ଏସ. କୁମାର, ଅତିରିକ୍ତ ଜିଲାପାଳ ସଂଗ୍ରାମ ଶେଖର ପଣ୍ଡା, ପାରଳାଖେମୁଣ୍ଡି ପୌରପରିଷଦ ଅଧକ୍ଷା ନିର୍ମଳା ସେଠୀ ପ୍ରମୁଖ ମଞ୍ଚାସୀନ ଥିଲେ । ମୁଖ୍ୟଅତିଥି ଗଜପତି ଜିଲା ଏକ ସଂସ୍କୃତି ସମୃଦ୍ଧ ସ୍ଥଳୀ ରୂପେ ବିବେଚନା କରି ଏଠାକାର ମାଟିର ମହତ୍ୱ ଗୁଣଗାନ କରିଥିଲେ। ଏହି ଉତ୍ସବରେ ରାଜ୍ୟ ତଥା ରାଜ୍ୟ ବାହାରୁ ବିଭିନ୍ନ ନୃତ୍ୟଶିଳ୍ପୀ ଯୋଗଦେଇ ଚିତାକର୍ଷକ ଓଡିଶୀ ନୃତ୍ୟ ସମେତ ଲୋକ ନୃତ୍ୟ, ପାରମ୍ପାରିକ ନାଚ ଗୀତ ପରିବେଷଣ କରିଥିଲେ ।

# ବ୍ରହ୍ମପୁର ସିଜେଏମ୍ କୋର୍ଟକୁ ସ୍ଥାନାନ୍ତର

## ଅର୍ଥତତ୍ତ୍ୱ ଚିଟ୍‌ଫଣ୍ଡ ଠକେଇ ମାମଲା

ଛତ୍ରପୁର,୧୮।୧(ଡି.ଏନ.ଏ.)

ଗଞ୍ଜାମ ଜିଲାରେ ହୋଇଥିବା ଅର୍ଥତତ୍ତ୍ୱ ଚିଟଫଣ୍ଡ ଠକେଇର ମୁଖ୍ୟ ମାମଲା ଛତ୍ରପୁର ଏସ୍‌ଡିଜେଏମ୍‌ଙ୍କ କୋର୍ଟରୁ ବ୍ରହ୍ମପୁର ସିଜେଏମ୍ କୋର୍ଟକୁ ସ୍ଥାନାନ୍ତର ହୋଇଛି। ବୁଧବାର ଛତ୍ରପୁର ଏସଡ଼ିଜେଏମ କୋର୍ଟରେ ଅର୍ଥତତ୍ତ୍ୱ ଚିଟଫଣ୍ଡର ମୁଖ୍ୟ ଅଭିଯୁକ୍ତ ପ୍ରଦୀପ ସେଠୀ ଓ ସହ ଅଭିଯୁକ୍ତ କୃଷ୍ଣ ପାଢ଼ୀଙ୍କ ଉପସ୍ଥିତିରେ ଉକ୍ତ ମାମଲାର ଶୁଣାଣି ହୋଇଥିଲା। ଏସଡିଜେଏମ କହିଥିଲେ ଯେ, ଉକ୍ତ ମାମଲାଟି ଧାରା ୪୨୦, ୪୬୮,୪୭୧, ୧୨୦ବି ତଥା ପ୍ରାଇଜ ଚିଟ୍‌ସ ଆଣ୍ଡ ମନୀ ସର୍କୁଲେଶନ ସ୍କିମସ୍ (ବ୍ୟାନିଂ) ଆକ୍ଟ, ୧୯୭୮ର ଧାରା ୪,୫,୬ ରେ ପଞ୍ଜୀକୃତ ହୋଇଛି, ଯାହାକି ଉପର କୋର୍ଟର କ୍ଷେତ୍ରାଧିକାର କ୍ଷମତା ପରିସର ଭୁକ୍ତ। ତେଣୁ ଉକ୍ତ ମାମଲାଟିର ଛତ୍ରପୁର କୋର୍ଟରେ ବିଚାର କରାଯାଇପାରିବ ନାହିଁ। ଆଇନ ଅନୁଯାୟୀ ଏହି ମାମଲାକୁ ଉପର ଅଦାଲତକୁ ସ୍ଥାନାନ୍ତର କରିବାକୁ ହେବ। ସୂଚନାଯୋଗ୍ୟ, ଛତ୍ରପୁରରେ ଏଟି ଚିଟଫଣ୍ଡ ସଂସ୍ଥାର ଏକ ଅସ୍ଥାୟୀ କାର୍ଯ୍ୟାଳୟ ଥିଲା। ସେଠାରେ କଣମଣା ଗ୍ରାମର ଦେବରାଜ ସାହୁ ୨୦୧୦ ଡ଼ିସେମ୍ବର ୧ରେ ଏକଲକ୍ଷ ଟଙ୍କା ଜମା କରିଥିଲେ। ପରେ ଏହି ସଂସ୍ଥା ବନ୍ଦ ହେବା ସହ ରାତାରାତି ଟଙ୍କା ହଡ଼ପ କରିଥିବାର ଅଭିଯୋଗ ଛତ୍ରପୁର ଥାନାରେ କେସ୍ ନମ୍ବର ୬୮/୨୦୧୩ ରେ ମେ ୧୦, ୨୦୧୩ ରେ ପଞ୍ଜୀକୃତ ହୋଇଥିଲା। ଏହି ମାମଲା ଉପର କୋର୍ଟକୁ ସ୍ଥାନାନ୍ତର ହେବା ଫଳରେ ଏବେ ମାମଲା ସିଜେଏମ, ବ୍ରହ୍ମପୁରଙ୍କ କୋର୍ଟରେ ବିଚାର ହେବ ବୋଲି କ୍ୟାଡର ଏପିପି ରାଜେଶ କୁମାର ମିଶ୍ର ସୂଚନା ଦେଇଛନ୍ତି।

# କଦଳୀ କାନ୍ଦି ଖାଇ ଫସଲ ଉଜାଡ଼ିଲେ

## ପଶିଲେ ୧୩ ହାତୀ

ବୁଗୁଡା/ଜଗନ୍ନାଥପ୍ରସାଦ,୧୮।୧(ଡି.ଏନ.ଏ.)



ନଷ୍ଟ ହୋଇଥିବା ଫସଲ

ବୁଗୁଡା ବନାଞ୍ଚଳ ଅନ୍ତର୍ଗତ ସମେତ ଉତ୍ତର ବନାଞ୍ଚଳ ସୀମାନ୍ତ ଛାମୁଣ୍ଡା ଓ ନଡାଗାଁରେ ସୋମବାର ରାତିରେ ୧୩ ଟିକିଆ ହାତୀପଲ ପଶି ବ୍ୟାପକ ଫସଲ କ୍ଷତି ଘଟାଇଥିବା ଜଣାପଡ଼ିଛି। ବିଳମ୍ବିତ ରାତିରେ ଚୋପରା ଗ୍ରାମର ପ୍ରକାଶ ପରିଡା, ରାଜକିଶୋର ପରିଡା ଫସଲ କିଆରିରେ ହାତୀପଲ ପଶି କୋବି, ମିଠା ମକା, ପାଳଙ୍ଗ ଶାଗ, ଟମାଟୋ, ଫୁଲ କୋବି, ଲଙ୍କା, ବିନ୍ସ, ପତ୍ର କୋବି, ପଣସ ଗଛ, ଆଖୁ ଓ କଦଳୀ ଖାଇବା ସହ ଦଳିଚକଟି ନଷ୍ଟ କରିବା ସହ ବିଛା ଯାଇଥିବା ସ୍ପ୍ରିଙ୍କଲର ପାଇପ ମଧ ଦଳି ନଷ୍ଟ କରିଛନ୍ତି। ଏନେଇ ଚାଷୀ ବନ ବିଭାଗରେ ଅଭିଯୋଗ କରିଥିଲେ। ବୁଗୁଡ଼ା ବନାଞ୍ଚଳର ବନରକ୍ଷୀ ଘଟଣା ସ୍ଥଳରେ ପହଞ୍ଚି ଅନୁଧାନ କରିଥିଲେ। ଚାଷୀଙ୍କ କହିବାନୁସାରେ ପାଟ୍ରୋଲିଂର ହୁଗୁଳା ମନୋଭାବ ଯୋଗୁଁ ଲକ୍ଷାଧିକ ଟଙ୍କାର ଫସଲ ନଷ୍ଟ ହୋଇଥିବା କହିଛନ୍ତି। ଏହିଭଳି କେବେବି ହାତୀ ଫସଲ ନଷ୍ଟ କରିନଥିଲେ। ବର୍ତ୍ତମାନ କିଛି ଦିନ ହେଲା ବୁଗୁଡ଼ା ବନାଞ୍ଚଳର ବିଭିନ୍ନ ଗ୍ରାମରେ ହାତୀପଲ ଉପଦ୍ରବ ହେଉଥିବା ନଜର ରହିଛି। ସ୍ଥାନୀୟ ବନ ବିଭାଗ ପକ୍ଷରୁ ରାତି ପାଟ୍ରୋଲିଂ କଡାକଡି କରିବା ପାଇଁ ବିଭାଗୀୟ କର୍ତ୍ତୃପକ୍ଷ ଦୃଷ୍ଟିଦେବାକୁ ସାଧାରଣରେ ଦାବି ହେଉଛି। ଏନେଇ ବୁଗୁଡ଼ା ରେଞ୍ଜର ପ୍ରଦୀପ କୁମାର ମିଶ୍ରଙ୍କୁ ପଚାରିବାରେ କ୍ଷତିଗ୍ରସ୍ତ ଚାଷୀ ଆବେଦନ କଲେ ଏହାର ତଦନ୍ତ କରାଯାଇ ଆବଶ୍ୟକ ସରକାରୀ ସହାୟତା ରାଶି ପ୍ରଦାନ କରାଯିବ ବୋଲି କହିଥିଲେ।

### ସାଧାରଣତନ୍ତ୍ର ଦିବସ ପାଳନ ପ୍ରସ୍ତୁତି

ଜି.ଉଦୟଗିରି,୧୮।୧

ସ୍ଥାନୀୟ ଉପଖଣ୍ଡ ସୂଚନା ଓ ଲୋକସମ୍ପର୍କ କାର୍ଯ୍ୟାଳୟ ପକ୍ଷରୁ ଚଳିତ ସାଧାରଣତନ୍ତ୍ର ଦିବସ ପାଳନ ନେଇ ଏକ ପ୍ରସ୍ତୁତି ବୈଠକ ସୋମବାର ବିଡିଓ ଆଶିଷ କୁମାର ତ୍ରିପାଠୀଙ୍କ ଅଧକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। ବୈଠକରେ ବ୍ଲକ ଅଧକ୍ଷା ସୁଷମା ପ୍ରଧାନ, ଅତିରିକ୍ତ ତହସିଲଦାର ଭଞ୍ଜନ କହଁର, ଅଗ୍ନିଶମ ଅଧିକାରୀ ମନୋରଞ୍ଜନ ପାଢ଼ୀ, ଅତିରିକ୍ତ ଗୋଷ୍ଠୀ ଶିକ୍ଷାଧିକାରୀ, କ୍ରୀଡ଼ା ଅଧାପକ ଓ ଶିକ୍ଷକ, ଅଞ୍ଚଳର ବୁଦ୍ଧିଜୀବୀଙ୍କ ସମେତ ସ୍ଥାନୀୟ ଗଣମାଧମ ପ୍ରତିନିଧିବୃନ୍ଦ ଉପସ୍ଥିତ ଥିଲେ। ପ୍ରତିବର୍ଷ ଭଳି ଏବର୍ଷ ମଧ ବିଦ୍ୟାଳୟ ଓ ମହାବିଦ୍ୟାଳୟର ଛାତ୍ରୀଛାତ୍ରମାନଙ୍କୁ ନେଇ ବିଭିନ୍ନ ପ୍ରକାରର ପ୍ରତିଯୋଗିତା କରାଯିବାକୁ ନିଷ୍ପତ୍ତି ନିଆଯାଇଥିଲା। କିନ୍ତୁ ବକ୍ତୃତା ପ୍ରତିଯୋଗିତା ବ୍ଲକ ପ୍ରେକ୍ଷାଳୟରେ ହେବାକୁ ନିଷ୍ପତ୍ତି ନିଆଯାଇଥିବା ବେଳେ ଅନ୍ୟ ସବୁ ପ୍ରତିଯୋଗିତା ସ୍ଥାନୀୟ ଉପଖଣ୍ଡ ସୂଚନା ଓ ଲୋକସମ୍ପର୍କ କାର୍ଯ୍ୟାଳୟ ପରିସରରେ ହେବ ବୋଲି ସ୍ଥିର କରାଯାଇଥିଲା। କାର୍ଯ୍ୟକ୍ରମକୁ ଉପଖଣ୍ଡ ସୂଚନା ଓ ଲୋକସମ୍ପର୍କ କାର୍ଯ୍ୟାଳୟର କର୍ମଚାରୀ ଜ୍ଞାନରଞ୍ଜନ କର ପରିଚାଳନା କରିଥିବା ବେଳେ ଶେଷରେ ଧନ୍ୟବାଦ ଅର୍ପଣ କରିଥିଲେ।

### ଅବ୍ୟକ୍ତ ସ୍ମୃତି ଦିବସ

ଆସିକା ୧୮।୧ (ଡି.ଏନ.ଏ): ଆସିକା ବସନ୍ତଷଣ୍ଡସ୍ଥିତ ବ୍ରହ୍ମକୁମାରୀ ଈଶ୍ୱରୀ ବିଶ୍ୱବିଦ୍ୟାଳୟ ଶାନ୍ତଶକ୍ତି ଭବନରେ ବୁଧବାର ବିଶ୍ୱ ବିଦ୍ୟାଳୟର ସଂସ୍ଥାପକ ପ୍ରଜାପିତା ବ୍ରହ୍ମାବାବାଙ୍କ ୫୪ତମ ଅବ୍ୟକ୍ତ ସ୍ମୃତି ଦିବସ ପାଳିତ ହୋଇଥିଲା । ଶାନ୍ତି ଶକ୍ତି ଭବନର ସଂଚାଳିକା ପ୍ରଭାତିଙ୍କ ଅଧକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ପୂର୍ବତନ ବିଧାୟକ ଦେବରାଜ ମହାନ୍ତି ମୁଖ୍ୟଅତିଥି ରୂପେ ଯୋଗଦେଇଥିଲେ । କାର୍ଯ୍ୟକ୍ରମରେ ଆସିକା, କବିସୂର୍ଯ୍ୟନଗର, ଧରାକୋଟ, ପାଟପୁର, ଗହଙ୍ଗୁ, ପିତଳ, ହାଟିଓଟ, ବାଲିସିରା, କେନ୍ଦୁପଦର, ନୂଆଗାଁ, ଭେଟନଇ, ଭେଜିପୁଟ, ଆମ୍ବପୁଆ ଆଦି ସ୍ଥାନରେ ଥିବା ଈଶ୍ୱରୀୟ ବିଶ୍ୱବିଦ୍ୟାଳୟର ସଦସ୍ୟ ସାମିଲ ଥିଲେ।

# ଆତ୍ମରକ୍ଷା ତାଲିମ ଶିବିର ଉଦ୍‌ଘାଟିତ




ଶିବିରରେ ଉପସ୍ଥିତ ଅତିଥି ।

କବିସୂର୍ଯ୍ୟନଗର,୧୮।୧(ଡି.ଏନ.ଏ.)

କବିସୂର୍ଯ୍ୟ ବଳଦେବ ବିଜ୍ଞାନ ମହାବିଦ୍ୟାଳୟରେ ଛାତ୍ରୀଙ୍କ ପାଇଁ ଆତ୍ମରକ୍ଷା ତାଲିମ ଶିବିର ଉଦଘାଟିତ ହୋଇଯାଇଛି। ସଂଯୋଜିକା ଅଧାପିକା ଆଭାରାଣୀଙ୍କ ତତ୍ତ୍ୱାବଧାନରେ ଅଧକ୍ଷ ପ୍ରଫୁଲ୍ଲ କୁମାର ସାହୁ ଅଧକ୍ଷତା କରିଥିବା ବେଳେ ମୁଖ୍ୟ ଅତିଥି ଭାବେ ପୋଲିସ ଏସ୍‌ଆଇ ବିଜୟ କୁମାର ପ୍ରଧାନ ଯୋଗ ଦେଇଥିଲେ। କଲେଜ ପରିଚାଳନା କମିଟି ସଭାପତି ସୁରେନ୍ଦ୍ର ନାୟକ, ଅଧାପକ ଡ଼.ତନୁଜ କୁମାର ବିଷୋୟୀ ଓ ଅନ୍ୟମାନେ ଉପସ୍ଥିତ ଥିଲେ। ମାଷ୍ଟର ଟ୍ରେନର୍ ସଙ୍ଗୀତା ସ୍ୱାଇଁଙ୍କ ତତ୍ତ୍ୱାବଧାନରେ ମୋଟ ଦୁଇ ଶହରୁ ଅଧିକ ଛାତ୍ରୀ ଅଂଶଗ୍ରହଣ କରିଛନ୍ତି।

# ଭାବି ସ୍ତ୍ରୀଙ୍କ ଘରକୁ ଆସି ଯୁବକଙ୍କ ମୃତ୍ୟୁ ଘଟଣା, ହତ୍ୟା ମାମଲା ରୁଜୁ

ଗୋପାଳପୁର,୧୮।୧(ଡି.ଏନ.ଏ.)

ଯବାନ ପୁଅର ଆକସ୍ମିକ ମୃତ୍ୟୁକୁ ସହଜରେ ଗ୍ରହଣ କରିପାରୁନାହାନ୍ତି ପରିବାର ଲୋକ। ପୁଅ ମୃତ୍ୟୁର ୧୫ ଦିନ ପରେ ମା ସାବିତ୍ରୀ ବାହାଦୁର ଗୋଳନ୍ଥରା ଥାନାରେ ପୁଅକୁ ହତ୍ୟା କରାଯାଇଥିବା ଅଭିଯୋଗ କରିଛନ୍ତି। ପୋଲିସ ଭାବୀ ସ୍ତ୍ରୀ ଓ ତାଙ୍କ ପ୍ରେମିକଙ୍କ ନାଁରେ ହତ୍ୟା ମାମଲା ରୁଜୁ କରିଛି। ଲିଖିତ ଅଭିଯୋଗ ପ୍ରକାରେ, ମୃତକ ଜଣକ ହେଉଛନ୍ତି ସମ୍ବଲପୁର ବୁର୍ଲା ଅଞ୍ଚଳର କମଲ ବାହାଦୁର। କମଲଙ୍କ ସହ ଗୋଳନ୍ଥରା ଥାନା ଅଞ୍ଚଳର ଘାଟି କାଲୁଆରେ ରହୁଥିବା ଯୁବତୀଙ୍କ ସହିତ ନିର୍ବନ୍ଧ ସରିଥିଲା। ପରେ କମଲ ଯୁବତୀଙ୍କ ଘରକୁ ଯିବା ଆସିବା କରୁଥିଲେ। ଉକ୍ତ ଯୁବତୀ ଜଣକ ଅନ୍ୟ ଜଣେ ପୁଅଙ୍କୁ ଭଲ ପାଉଥିଲେ। ବିଭିନ୍ନ ସମୟରେ ଯୁବତୀଙ୍କ ପୁରୁଷ ବନ୍ଧୁ କମଲଙ୍କୁ ଫୋନ ଯୋଗେ ଗାଳିଗୁଲଜ କରିବା ସହ ଜୀବନରେ ମାରିଦେବାକୁ ଧମକ ଦେଉଥିଲେ। ଏନେଇ ଯୁବତୀଙ୍କ ଭାଇଙ୍କ ଜନ୍ମଦିନ ପାଳନ କରିବା ନେଇ ଗତ ଡିସେମ୍ବର ୨୩ ତାରିଖରେ କମଲ ଘାଟିକାଲୁଆ ଆସିଥିଲେ। ଗତ ୨ ତାରିଖରେ ଯୁବତୀ ଓ ତାଙ୍କ ପୁରୁଷ ବନ୍ଧୁ ମିଳିତ ଭାବେ ମୋ ପୁଅକୁ ମାରିଦେଇ ପଥର ଖାଦନରେ ଫିଙ୍ଗିଦେଇଥିବା ନେଇ ମୃତକଙ୍କ ମା ଅଭିଯୋଗ ଆଣିଛନ୍ତି। ସୂଚନାନୁସାରେ ସୁମନ ବାହାଦୁର, ଭାବି ସ୍ତ୍ରୀ ଓ ଅନ୍ୟକିଛି ବ୍ୟକ୍ତି ଗତ ୨ ତାରିଖରେ ପାଲୁରହିଲ ସ୍ଥିତ ପଥର ଖାଦାନକୁ ଗାଧୋଇବାକୁ ଯାଇଥିଲେ। ଏହି ସମୟରେ ସୁମନ ହଠାତ ଖାଦାନ ମଝିରେ ରହିଯାଇଥିଲେ। ସେଠାରେ ଥିବା କିଛି ଲୋକେ ବାହାଦୁରଙ୍କୁ ଉଦ୍ଧାର କରି ବ୍ରହ୍ମପୁର ବଡ଼ମେଡ଼ିକାଲରେ ଭର୍ତ୍ତି କରିଥିଲେ। ସେଠାରେ ଡ଼ାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଏନେଇ ପୋଲିସ ଏକ ଅପମୃତ୍ୟୁ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଥିଲା। ସୁମନ ବାହାଦୁର ସମ୍ବଲପୁର ଜିଲା ପକ୍ଷରୁ କଳାହାଣ୍ଡି କ୍ରିକେଟ କପ ଖେଳି ସୁନାମ ଅର୍ଜନ କରିବା ସହ ପରିବାରର ଏକ ମାତ୍ର ରୋଜଗାରିଆ ପୁଅ ଥିଲେ।

# ଭାଇ ଭାଉଜଙ୍କୁ ମାଡ଼ ମାରିବା ମାମଲା
## ଦୋଷୀ ସାବ୍ୟସ୍ତ ହେଲେ ୩ ଅଭିଯୁକ୍ତ

ଛତ୍ରପୁର,୧୮।୧(ଡି.ଏନ.ଏ.)

୨୦୧୫ରେ ଛତ୍ରପୁର ଥାନା ଅନ୍ତର୍ଗତ ଚିକଲଖଣ୍ଡିରେ ନିଜ ଭାଇ ଓ ଭାଉଜଙ୍କୁ ଅଶ୍ଳୀଳ ଭାଷାରେ ଗାଳିଗୁଲଜ କରିବା ସହ ମାଡ଼ ମାରି ଲହୁଲୁହାଣ କରିବା ତଥା ଜୀବନରେ ମାରିବାକୁ ଧମକ ଦେବା ଘଟଣା ଘଟିଥିଲା। ଏହି ମାମଲାର ଶୁଣାଣି କରି ବୁଧବାର ଛତ୍ରପୁର ଏସଡ଼ିଜେଏମ ସୌମ୍ୟା ପ୍ରଧାନ ଅଭିଯୁକ୍ତ ମିଟୁ ଗୌଡ଼, ରମେଶ ଗୌଡ଼ ଓ ପୂର୍ଣ୍ଣ ଗୌଡ଼ଙ୍କୁ ଧାରା ୩୨୩ରେ ଦୋଷୀ ସାବ୍ୟସ୍ତ କରିଛନ୍ତି। ଏଥିସହ ପ୍ରୋବେଶନ ଅଫ ଅଫେଣ୍ଡର୍ସ ଆକ୍ଟର ଧାରା ୪ ଅନୁଯାୟୀ କାର୍ଯ୍ୟାନୁଷ୍ଠାନ ପୂର୍ବକ ସେମାନଙ୍କ ପୂର୍ବ ବ୍ୟବହାରକୁ ନଜରରେ ରଖି କଠୋର ଚେତାବନୀ ଦେବା ସହ ବ୍ୟକ୍ତିଗତ ୧୦ ହଜାର ଟଙ୍କା ମୁଚାଲିକାରେ ଛାଡ଼ିଛନ୍ତି। ଉକ୍ତ ଧାରା ୪ ଅନୁସାରେ ବର୍ତ୍ତମାନ ସେମାନେ ଜିଲା ପ୍ରୋବେଶନର ଅଧିକାରୀଙ୍କ ନଜରରେ ୧ ବର୍ଷ ପର୍ଯ୍ୟନ୍ତ ନଜରବନ୍ଦୀ ରହିବେ ଓ ଏହି ଅଧିକାରୀ ସେମାନଙ୍କ କାର୍ଯ୍ୟକଳାପକୁ ତୀକ୍ଷ୍ଣ ନଜର ରଖିବା ସହ ରିପୋର୍ଟ ପ୍ରଦାନ କରିବେ। ସରକାରଙ୍କ ପକ୍ଷରୁ କ୍ୟାଡ଼ର ଏପିପି ରାଜେଶ କୁମାର ମିଶ୍ର ଏହି ମାମଲାକୁ ପରିଚାଳନା କରୁଥିଲେ। ସୂଚନାଯୋଗ୍ୟ, ୨୦୧୫ ଡିସେମ୍ବର ୧୪ରେ ଅଭିଯୁକ୍ତମାନେ ସଂଘବଦ୍ଧ ହୋଇ ବଡ଼ଭାଇ ଭାଗିରଥୀ ଗୌଡ଼ ଓ ତାଙ୍କ ସ୍ତ୍ରୀଙ୍କୁ ମାଡ଼ ମାରିଥିଲେ। ଏଏସଆଇ ଡ଼ି. ମୋହନ ରାଓ ଦୋରା ତଦନ୍ତକାରୀ ଅଧିକାରୀ ଥିଲେ। ୮ଜଣ ସାକ୍ଷୀଙ୍କ ବୟାନକୁ ଭିତ୍ତିକରି ନ୍ୟାୟାଧୀଶ ଅଭିଯୁକ୍ତମାନଙ୍କୁ ଦୋଷୀ ସାବ୍ୟସ୍ତ କରିଛନ୍ତି।

# କିଶୋର ପଲେଇ ବିଜ୍ଞାନ କଲେଜର ବାର୍ଷିକୋତ୍ସବ




ଉତ୍ସବରେ ଉପସ୍ଥିତ ଅତିଥି ।

ଖଲ୍ଲିକୋଟ,୧୮।୧(ଡି.ଏନ.ଏ.)

ଖଲ୍ଲିକୋଟ ବ୍ଲକ ଅନ୍ତର୍ଗତ ନାରାୟଣୀ ଛକ ନିକଟରେ ଥିବା କିଶୋର ପଲେଇ ବିଜ୍ଞାନ ଉଚ୍ଚମାଧ୍ୟମିକ ବିଦ୍ୟାଳୟ ପରିସରରେ ବୁଧବାର ବାର୍ଷିକ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। କଲେଜ ଅଧକ୍ଷା ନମିତା ଦାସଙ୍କ ପୌରୋହିତ୍ୟରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଛତ୍ରପୁର ଉପଜିଲାପାଳ ତଥା କିଶୋର ପଲେଇ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ସଭାପତି ପ୍ରସନ୍ନ କୁମାର ପାତ୍ର, ସମ୍ମାନିତ ଅତିଥି ଭାବେ ବ୍ରହ୍ମପୁର ଆଞ୍ଚଳିକ ଶିକ୍ଷା ନିର୍ଦ୍ଦେଶାଳୟ ଡେପୁଟି ଡ଼ାଇରେକ୍ଟର ସୁଶାନ୍ତ କୁମାର ଦାଶ ଓ ରାଜଧାନୀ ମହାବିଦ୍ୟାଳୟ ଅବସରପ୍ରାପ୍ତ ଅଧକ୍ଷା ଶକୁନ୍ତଳା ବଳିୟାରସିଂ, ଅବସରପ୍ରାପ୍ତ ଅଧକ୍ଷ ତଥା ଓଡ଼ିଶା ସାହିତ୍ୟ ଏକାଡ଼େମୀର ସଭ୍ୟ ଡ଼. ବିବେକାନନ୍ଦ ପାଣିଗ୍ରାହୀ ମୁଖ୍ୟବକ୍ତା ରୂପେ ଯୋଗଦେଇଥିଲେ। ଇତିହାସ ଅଧାପକ ସରୋଜ କୁମାର ଦାସ ବିବରଣୀ ପାଠ କରିଥିବା ବେଳେ କଲେଜ ମେଗାଜିନ 'ସୃଷ୍ଟି' ଅତିଥିଙ୍କ ଦ୍ୱାରା ଉନ୍ମୋଚିତ ହୋଇଥିଲା। ଅଧାପକ ପ୍ରଭାକର ପାଢ଼ୀ ଧନ୍ୟବାଦ ଅର୍ପଣ କରିଥିଲେ।

# ବାଦ୍ ହିତାଧିକାରୀଙ୍କ ବ୍ଲକ ଘେରାଉ

## ଆବାସ ତାଲିକାରେ ଦୁର୍ନୀତି

କବିସୂର୍ଯ୍ୟନଗର,୧୮।୧(ଡି.ଏନ.ଏ.)



ହିତାଧିକାରୀଙ୍କ ବ୍ଲକ ଘେରାଉ

ଗଞ୍ଜାମ ଜିଲା କବିସୂର୍ଯ୍ୟନଗରରେ ବ୍ଲକରେ ଆବାସ ଯୋଜନାରେ ଦୁର୍ନୀତି ହୋଇଥିବା ଦେଖିବାକୁ ମିଳିଛି। ବାଦ ପଡ଼ିଥିବା ହିତାଧିକାରୀମାନେ ବୁଧବାର ବିଡ଼ିଓଙ୍କୁ ଘେରାଇ ସହ ଦାବିପତ୍ର ପ୍ରଦାନ କରିଛନ୍ତି। ବୁଧବାର ସକାଳେ ବିଭିନ୍ନ ପଞ୍ଚାୟତ ସୂଚନା ଫଳକରେ ମୋଟ ୧୯୦୮ଜଣଙ୍କ ଆବାସ ଯୋଜନାରେ ନାମ ପ୍ରକାଶ ପାଇଥିଲା। ଏଥିରେ ବହୁଯୋଗ୍ୟ ହିତାଧିକାରୀଙ୍କ ନାମ ନ ଥିବା ଜାଣି ସରପଞ୍ଚ ଓ ସମିତି ସଭ୍ୟଙ୍କୁ ଜଣାଇଥିଲେ। ଚାଳ, ଝୁମ୍ପୁଡ଼ି, ଟିଣ ଘର ଥିବା ଲୋକଙ୍କ ନାମ ଆବାସ ଯୋଜନାରେ ଅନ୍ତର୍ଭୁକ୍ତ ରହିଥିବା ବେଳେ ବର୍ତ୍ତମାନ ଏହା ବାଦ ପଡ଼ିଥିବା ନେଇ ଜନପ୍ରତିନିଧିଙ୍କ ନିକଟରେ ଅଭିଯୋଗ ଆଣିଥିଲେ। ଜନପ୍ରତିନିଧି ବୁଧବାର ବ୍ଲକରେ ପହଞ୍ଚି ବିଡ଼ିଓଙ୍କ ପାଖରେ ଅଭିଯୋଗ କରିଥିଲେ। ବିଡ଼ିଓ ତନ୍ମୟ ପାତ୍ର ଜରୁରୀ ବୈଠକ ଡାକି ଆଲୋଚନା କରିଥିଲେ। ତଦନ୍ତ ପରେ କୌଣସି ଦୁର୍ନୀତି ଆସେ ଉପରିସ୍ଥ ଅଧିକାରୀଙ୍କୁ ଜଣାଇବେ ବୋଲି ବିଡ଼ିଓ କହିଛନ୍ତି। ଫନି ସ୍ୱତନ୍ତ୍ର ପିଏମ୍‌ଆରୱାଇରେ ୬୮୪ଜଣଙ୍କ ମଧ୍ୟରୁ ୪୯ ଅଯୋଗ୍ୟ ଓ ନର୍ମାଲ ପିଏମ୍‌ଆରୱାଇରେ ୧୮୦୬ଙ୍କ ମଧ୍ୟରୁ ରାଜ୍ୟ ସରକାର ୧୨୨୪ ହିତାଧିକାରୀଙ୍କ ନାମ ଘୋଷଣା କରିଛନ୍ତି। ଏଥିରୁ ୧୦୭ ଅଯୋଗ୍ୟଙ୍କୁ ବାଦ ଦିଆଯାଇଛି। ଏପରି ଫନି ପିଏମ୍‌ଆରୱାଇରେ ୪୯ ଓ ନର୍ମାଲ ପିଏମ୍‌ଆରୱାଇରେ ୧୦୭ ଜଣଙ୍କ ବ୍ୟତୀତ ମୋଟ ୧୫୬ଜଣଙ୍କୁ ବାଦ ଦିଆଯାଇଥିବା ବିଡ଼ିଓ କହିଛନ୍ତି। ଫନିରେ ୪ଜଣ ଓ ସାଧାରଣରେ ୩ ବାସହୀନ ପରିବାରକୁ ଜମି ଯୋଗାଇବା ପାଇଁ ତହସିଲଦାରଙ୍କୁ ଜଣାଇ ଦିଆଯାଇଥିବା ବିଡ଼ିଓ କହିଛନ୍ତି। ଅନ୍ୟପଟେ ବାଦ ପଡ଼ିଥିବା ସମସ୍ତ ହିତାଧିକାରୀଙ୍କୁ ଆବାସ ନ ପାଇଲେ ବ୍ଲକରେ ଧାରଣାରେ ବସିବେ ବୋଲି କହିଛନ୍ତି। ବର୍ତ୍ତମାନ କେନ୍ଦ୍ରସରକାର ନିୟମ ଅନୁସାରେ ଯାହାର ସ୍କୁଟି, ବାଇକ୍, ଛାତଘର ଆଦି ଥିବ ଆବାସ ମିଳିବ ନାହିଁ । ଘୋଷଣା ପରେ ବହୁ ହିତାଧିକାରୀଙ୍କ ନାମ କଟିଯିବ ବୋଲି ବିଡ଼ିଓ କହିଛନ୍ତି। ଅଯୋଗ୍ୟ ହିତାଧିକାରୀଙ୍କ ଅଭିଯୋଗ ପାଇ ପ୍ରତି ପଞ୍ଚାୟତ ଓ ବ୍ଲକରେ ଅଭିଯୋଗ ବକ୍ସ ରଖାଯିବ।

## ସଂକ୍ଷେପରେ

### ସ୍କ୍ରାପ୍‌ରେ ନେତାଜୀ ସୁଭାଷ ବୋଷଙ୍କ ପ୍ରତିମୂର୍ତ୍ତି



**ବ୍ରହ୍ମପୁର ଅଫିସ,୧୮।୧:** ନଷ୍ଟରୁ ଶ୍ରେଷ୍ଠ ପାରଦର୍ଶିତା ଲାଭ କରିଥିବା ବ୍ରହ୍ମପୁର ଆଇଟିଆଇ ପୁଣି ଏକ ଦକ୍ଷତା ସମ୍ପନ କାରୁକାର୍ଯ୍ୟ ନିର୍ମାଣ କରିଛନ୍ତି। ନେତାଜୀ ସ୍କ୍ରାପ୍‌ରେ ସୁଭାଷ ବୋଷଙ୍କ ପ୍ରତିମୂର୍ତ୍ତି ନିର୍ମାଣ କରାଯାଇଛି। ଯାହାର ଉଚ୍ଚତା ୬ ଫୁଟ ରହିଥିବା ବେଳେ ଓଜନ ୧୫୦ କେଜିରୁ ଅଧିକ ରହିବ। ଏଭଳି ପ୍ରତିମୂର୍ତ୍ତି ଭାରତ ବର୍ଷରେ କେଉଁଠାରେ ନ ଥିବା ଆଇଟିଆଇ ପକ୍ଷରୁ ଦୃଢୋକ୍ତି ପ୍ରକାଶ କରାଯାଇଛି। ଏହି ପ୍ରତିମୂର୍ତ୍ତିରେ ୨ ଚକିଆ ଯାନ ଚେନ, ସ୍ପକେଟ, ଜିଆଇ ସିଟ ଓ ଛୋଟ ଛୋଟ ସ୍କ୍ରୁ ବ୍ୟବହାର କରାଯାଇଛି। ଆଇଟିଆଇର ଫିଟର, ଇଲେକ୍ଟ୍ରିସିଆନ, ପେଣ୍ଟର ଛାତ୍ରୀଛାତ୍ରଙ୍କ ଦ୍ୱାରା ସୁଭାଷ ବୋଷଙ୍କ ପ୍ରତିମୂର୍ତ୍ତି ନିର୍ମାଣ କରିଛନ୍ତି। ଏହାକୁ ନିର୍ମାଣ କରିବାରେ ୧୫ ଦିନରୁ ଊର୍ଦ୍ଧ୍ୱ ସମୟ ଲାଗିଥିବା ଆଇଟିଆଇ ଅଧକ୍ଷ ଡ.ରଜତ କୁମାର ପାଣିଗ୍ରାହୀ ସୂଚନା ଦେଇଛନ୍ତି।

### ମହିଳା କର୍ମଚାରୀଙ୍କୁ ଯୌନଶୋଷଣ ଅଭିଯୋଗ

**ବ୍ରହ୍ମପୁର ଅଫିସ,୧୮।୧:** ବ୍ରହ୍ମପୁର ସ୍ଥିତ ଟାଟା ପାୱାର ତଥା ଟିପିଏସ୍‌ଓଡିଏଲ ମୁଖ୍ୟ କାର୍ଯ୍ୟାଳୟରେ କାର୍ଯ୍ୟ କରୁଥିବା ଜଣେ ମହିଳା କର୍ମଚାରୀଙ୍କୁ ଯୌନ ଶୋଷଣ ଅଭିଯୋଗ ହୋଇଛି। ଟିପିଏସ୍‌ଓଡିଏଲର ଜଣେ ଅଧିକାରୀ ଏହି ମହିଳାଙ୍କୁ କିଛି ମାସ ହେବ ଶାରୀରିକ ଓ ମାନସିକ ନିର୍ଯାତନା ଦେବା ସହ ଯୌନ ଶୋଷଣ କରୁଥିବା ନେଇ ସେ ବୈଦ୍ୟନାଥପୁର ଥାନାରେ ଲିଖିତ ଅଭିଯୋଗ ପରେ ରୁଜୁ ହୋଇଛି। ମହିଳାଙ୍କ ଅଭିଯୋଗପ୍ରକାରେ, ସେ ଏକ ଆଉଟସୋର୍ସିଂ ସଂସ୍ଥା ଜରିଆରେ ଟାଟା ପାୱାର ମୁଖ୍ୟ କାର୍ଯ୍ୟାଳୟରେ କାମ କରୁଛନ୍ତି। ଯାହାର ସୁଯୋଗ ନେଇ ଅଧିକାରୀ ଜଣକ ତାଙ୍କୁ ବାରମ୍ବାର ନିଜ କ୍ୟାବିନକୁ ଡାଡି ସିକ୍ୟୁରିଟି ସୁପରଭାଇଜର କରାଇଦେବି ବୋଲି ପ୍ରଲୋଭନ ଦେଖାଇ ଶାରୀରିକ ସମ୍ପର୍କ ରଖିବାକୁ ବାଧ କରୁଥିଲେ। ହେଲେ ମହିଳା ଜଣଙ୍କ ଏଥିରେ ରାଜି ନ ହେବାରୁ ତାଙ୍କୁ ଟ୍ରାନ୍ସଫର କରି ଦେବି ବୋଲି ଡରାଉଥିଲେ। ୧୧ ତାରିଖରେ କ୍ୟାବିନକୁ ଡାକି ଜବରଦସ୍ତ ସମ୍ପର୍କ ରଖିବାକୁ ଉଦ୍ୟମ କରିଥିଲେ ବୋଲି ମହିଳା ଜଣଙ୍କ ଅଭିଯୋଗରେ ଦର୍ଶାଇଛନ୍ତି। ଏହି କଥା କାହାକୁ କହିଲେ ଚାକିରିରୁ ବାହାର କରିଦେବି ବୋଲି ଧମକ ଦେଇଥିଲେ।

### ଯୌତୁକଜନିତ ବଧୂ ହତ୍ୟା ମାମଲା ଅଭିଯୁକ୍ତଙ୍କ ଆତ୍ମସମର୍ପଣ

**ବ୍ରହ୍ମପୁର ଅଫିସ,୧୮।୧:** ଏକ ଯୌତୁକଜନିତ ବଧୂ ହତ୍ୟା ମାମଲାରେ ସମ୍ପୃକ୍ତି ଥାଇ ଦୀର୍ଘଦିନ ଧରି ଫେରାର ଥିବା ଆମ୍ଭପୁଆ ଅଞ୍ଚଳର ଜଣେ ମହିଳା ଜି.ଦିଲେଶ୍ୱରୀ ଜେଏମ୍‌ଏଫସି (ଗ୍ରାମାଞ୍ଚଳ)ଙ୍କ କୋର୍ଟରେ ଆତ୍ମସମର୍ପଣ କରିବା ପରେ ତାଙ୍କୁ ଜେଲ ହାଜତକୁ ପଠାଇ ଦିଆଯାଇଛି। ଏହି ଘଟଣାରେ ପୂର୍ବରୁ ପୋଲିସ ମୃତ ନବବଧୂ ଆର.ଚଞ୍ଚଳା ରେଡ୍ଡୀଙ୍କ ସ୍ୱାମୀଙ୍କ ସମେତ ୩ ଜଣଙ୍କୁ ଗିରଫ କରି କୋର୍ଟଚାଲାଣ କରିଥିଲା। ପରେ ସେମାନେ ଜାମିନରେ ମୁକୁଳିଥିଲେ। ପ୍ରକାଶଯେ, ୨୦୨୨ ଜୁଲାଇ ୮ରେ ଚମାଖଣ୍ଡିର ଚଞ୍ଚଳାଙ୍କ ସହ ଆମ୍ଭପୁଆର ଫକୀର ମୋହନ ରେଡ୍ଡୀଙ୍କ ବିବାହ ହୋଇଥିଲା। ବିବାହ ପରଠାରୁ ଅଧିକ ଯୌତୁକ ଦାବି କରି ତାଙ୍କ ସ୍ୱାମୀ ଓ ପରିବାରର ଅନ୍ୟ ସଦସ୍ୟମାନେ ମହିଳାଙ୍କୁ ମାନସିକ ଓ ଶାରୀରିକ ନିର୍ଯାତନା ଦେଇ ଆସୁଥିଲେ। ଏ ନେଇ ଚଞ୍ଚଳା ତାଙ୍କ ବାପଘର ଲୋକଙ୍କୁ କହିଥିଲେ। ୨୦୨୨ ସେପ୍ଟେମ୍ବର ୨୬ରେ ଚଞ୍ଚଳା ଅସୁସ୍ଥ ହେବାରୁ ତାଙ୍କୁ ହସ୍ପିଟାଲରେ ଭର୍ତ୍ତି କରାଯାଇଛି ବୋଲି ତାଙ୍କ ନଣନ୍ଦ ରେବତୀ ରେଡ୍ଡୀ ଚଞ୍ଚଳାଙ୍କ ମା'ଙ୍କୁ ଜଣାଇଥିଲେ। ଚଞ୍ଚଳାଙ୍କ ମା' କାମିନୀ ଓ ଘରର ଅନ୍ୟାନ୍ୟ ସଦସ୍ୟମାନେ ମେଡିକାଲରେ ପହଞ୍ଚିବା ବେଳେ ତାଙ୍କର ମୃତ୍ୟୁ ଘଟିଥିବା ଜାଣିବାକୁ ପାଇଥିଲେ। ତାଙ୍କ ଝିଅକୁ ଶ୍ୱଶୁର ଘର ଲୋକ ଅଧିକ ଯୌତୁକ ଦାବି କରିବା ସହ ହତ୍ୟା କରିଛନ୍ତି ବୋଲି କାମିନୀ ଗୋପାଳପୁର ଥାନାରେ ଅଭିଯୋଗ କରିଥିଲେ।

# ଅଭିଯୁକ୍ତଙ୍କୁ ଆଜୀବନ ଜେଲ, ଜରିମାନା

## ନାବାଳିକା ଗଣବଳାତ୍କାର ମାମଲା

ବ୍ରହ୍ମପୁର ଅଫିସ,୧୮।୧

ସ୍ୱତନ୍ତ୍ର ପୋକ୍‌ସୋ ଜଜ ବୁଧବାର ଏକ ନାବାଳିକା ଗଣ ବଳାତ୍କାର ମାମଲାର ଶୁଣାଣି କରିଥିଲେ। ଉପଯୁକ୍ତ ପ୍ରମାଣ ମିଳିଥିବାରୁ ଜଜ କାଳିଆ ଆଜୀବନ ଜେଲ ଦଣ୍ଡରେ ଦଣ୍ଡିତ କରିଛନ୍ତି। ଏହା ସହ ୩୦ ହଜାର ଟଙ୍କା ଜରିମାନା ଦେବାକୁ ଜଜ ନିର୍ଦ୍ଦେଶ ଦେଇଛନ୍ତି। ଏହି ଘଟଣାରେ ସମ୍ପୃକ୍ତ ଥାଇ ବାଳ ସୁଧାରଗୃହକୁ ଯାଇଥିବା ଅନ୍ୟ ଦୁଇ ନାବାଳକଙ୍କ ମାମଲା ଜେଜେବିରେ ଏବେ ବିଚାରାଧୀନ ରହିଛି। ଉଭୟ ନାବାଳକ ବର୍ତ୍ତମାନ ଜାମିନରେ ଅଛନ୍ତି। ପୀଡିତାଙ୍କୁ ୬ଲକ୍ଷ ଟଙ୍କାର ଆର୍ଥିକ ସହାୟତା ପ୍ରଦାନ ପାଇଁ ଡିଏଲଏସ୍‌ଏକୁ ଜଜ ନିର୍ଦ୍ଦେଶ ଦେଇଛନ୍ତି।

ପ୍ରକାଶ ଯେ, ୨୦୧୮ ଅକ୍ଟୋବର ୧୦ ତାରିଖ ରାତିରେ କବିସୂର୍ଯ୍ୟନଗର ଅଞ୍ଚଳରେ ଜଣେ ନାବାଳିକା ତାଙ୍କ ପରିବାର ସହ ଘରେ ଶୋଇଥିଲେ। କାଳିଆ ଓ ତାଙ୍କର ଦୁଇ ନାବାଳକ ସହଯୋଗୀ ତାଙ୍କ ଘରେ ପଶି ତାଙ୍କ ଆଲମିରାରୁ ୨୦ ହଜାର ଟଙ୍କା ସହ ସୁନା ଅଳଙ୍କାର ଲୁଟି ନେଇଥିଲେ। ପରେ ଘରେ ଶୋଇଥିବା ନାବାଳିକାଙ୍କ ପାଟିକୁ ଚାପି ଧରି ତାଙ୍କୁ ଅପହରଣ କରି ନେଇଥିଲେ। ଘର ବାହାରେ ସେମାନେ ବଳାତ୍କାର କରିଥିଲେ। ଅନ୍ୟପଟେ ଝିଅକୁ ଖୋଜାଖୋଜି କରି ଶେଷରେ ଗାଁ ମୁଣ୍ଡରୁ ଉଦ୍ଧାର କରିଥିଲେ। ପରେ ପିଡ଼ିତାଙ୍କ ବାପା କବିସୂର୍ଯ୍ୟନଗର ଥାନାରେ ଏତଲା ଦେଇଥିଲେ। ପୋଲିସ ଘଟଣାର ତଦନ୍ତ କରି କାଳିଆ ପାତ୍ର ଓ ତାଙ୍କ ଦୁଇ ସହଯୋଗୀଙ୍କୁ ଧରିଥିଲା। କାଳିଆ ସାବାଳକ ଥିବା ବେଳେ ତାଙ୍କ ଦୁଇ ସହଯୋଗୀ ନାବାଳକ ଥିଲେ। କାଳିଆଙ୍କୁ ପୋଲିସ ଗିରଫ କରି କୋର୍ଟଚାଲାଣ କରିଥିବା ବେଳେ ନାବାଳକ ଦୁହିଁଙ୍କୁ ଜେଜେବିରେ ହାଜର କରିଥିଲେ।

କାଳିଆ ଗିରଫ ପରଠାରୁ ବ୍ରହ୍ମପୁର ମଣ୍ଡଳକାରାଗାରରେ ବିଚାରାଧୀନ ଥିଲେ। ଅନ୍ୟପଟେ ନାବାଳକ ଦ୍ୱୟ ବାଳସୁଧାର ଗୃହରେ କିଛି ଦିନ ରହିବା ପରେ ଜାମିନ ପାଇଥିଲେ। କାଳିଆ ପାତ୍ରଙ୍କ ମାମଲାର ବିଚାର ସ୍ଥାନୀୟ ସ୍ୱତନ୍ତ୍ର ପୋକ୍‌ସୋ କୋର୍ଟରେ ଚାଲିଥିଲା। ତଦନ୍ତ ଅଧିକାରୀ ତଥା ପୁରୁଷୋତ୍ତମପୁର ଏସ୍‌ଡିପିଓ ଅଶ୍ୱିନୀ କୁମାର ସାହୁ ଏହି ମାମଲା ତଦନ୍ତ କରି କୋର୍ଟରେ ଚାର୍ଜସିଟ ଦାଖଲ କରିଥିଲେ। ବୁଧବାର ଏହି ମାମଲାର ଶୁଣାଣି ବେଳେ ଅଭିଯୁକ୍ତ କାଳିଆଙ୍କୁ କୋର୍ଟରେ ହାଜର କରାଯାଇଥିଲା। ୨୧ଜଣ ସାକ୍ଷୀଙ୍କ ବୟାନକୁ ଆଧାର କରି ଉପଯୁକ୍ତ ସାକ୍ଷ୍ୟ ପ୍ରମାଣ ଥିବା ଦର୍ଶାଇ ଜଜ୍ ଅଭିଯୁକ୍ତଙ୍କ ବିରୋଧରେ ଉପରୋକ୍ତ ଦଣ୍ଡାଦେଶ ଶୁଣାଇଥିଲେ। ସରକାରଙ୍କ ପକ୍ଷରୁ ସ୍ୱତନ୍ତ୍ର ପିପି ମୋହନ ସିଙ୍ଗାରି ମକଦ୍ଦମା ପରିଚାଳନା କରିଥିଲେ।




ହିଲପାଟଣାସ୍ଥିତ ସଂସ୍କୃତି ଭବନ ପରିସରରେ ରାଜ୍ୟସ୍ତରୀୟ ମିଷ୍ଟର ଓ ମିସ୍ ଓଡ଼ିଶା ସୁନ୍ଦର ସ୍ୱାସ୍ଥ୍ୟ ପ୍ରତିଯୋଗିତା। ଫଟୋ- ସମୀର

## ଆଜିଠୁ ଟିକାକରଣ

ବ୍ରହ୍ମପୁର ଅଫିସ,୧୮।୧

ବ୍ରହ୍ମପୁର ସହରରେ ଗୁରୁବାରଠାରୁ କୋଭିସିଲ୍‌ଡ ଟିକାକରଣ ଆରମ୍ଭ ହେବ। ବିଏମ୍‌ସି ପକ୍ଷରୁ ବୁଧବାର ଟ୍ୱିଟ ଯୋଗେ ସୂଚନା ଦିଆଯାଇଛି। ପୂର୍ବାହ୍ନ ୯ଟା ୩୦ରୁ ସନ୍ଧ୍ୟା ୫ଟା ଯାଏ ଟିକାକରଣ ପ୍ରକ୍ରିୟା ଜାରି ରହିବ। ଏଥିନିମନ୍ତେ ବୁଧବାର ସନ୍ଧ୍ୟା ୭ଟାରୁ ଟିକାକରଣ ନିମନ୍ତେ ସ୍ଲଟ ବୁକିଂ ଆରମ୍ଭ ହୋଇଥିଲା। ଗୁଡସେଡ ରୋଡ ଓ ରେଡକ୍ରସ୍ ସହରାଞ୍ଚଳ ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ରରେ ଟିକାକରଣ ହେବ। ଉଭୟ ସ୍ୱାସ୍ଥ୍ୟକେନ୍ଦ୍ରରେ ଅନ୍‌ଲାଇନ ମାଧ୍ୟମରେ ୧୦୦ ଜଣ ଓ ଅଫଲାଇନ୍ ମାଧ୍ୟମରେ ୫୦ ଜଣଙ୍କୁ ଟିକାକରଣ କରାଯିବା ନେଇ ବିଏମ୍‌ସି ପକ୍ଷରୁ ସୂଚନା ମିଳିଛି।

ସେଲ୍‌ଫି କର୍ଣ୍ଣର ଧରିତ୍ରୀ DHARITRI
ଆମକୁ ପଠାନ୍ତୁ ଆପଣଙ୍କ ସେଲ୍‌ଫି
bmpselfie@gmail.com



@ ମାମା



@ ଶ୍ରୀନିବାସ



@ କ୍ଷୀରାବ୍ଧି

ସେଲ୍‌ଫି ସହ ନିଜର ନାମ ଓ ମୋବାଇଲ୍ ନମ୍ବର ଉଲ୍ଲେଖ କରନ୍ତୁ।

# ରୋଗୀ ସମ୍ପର୍କୀୟଙ୍କୁ ସୁରକ୍ଷା ଦାବିରେ ଆର୍‌ଡିସିଙ୍କୁ ସ୍ମାରକପତ୍ର

## ବ୍ରହ୍ମପୁର ବଡ଼ ଡାକ୍ତରଖାନା

ବ୍ରହ୍ମପୁର ଅଫିସ,୧୮।୧

ବ୍ରହ୍ମପୁର ବଡ ଡାକ୍ତରଖାନା (ଏମ୍‌କେସିଜି)ରେ ରୋଗୀ ଓ ସମ୍ପର୍କୀୟଙ୍କ ସୁରକ୍ଷା ଦାବି ନେଇ ଭାରତୀୟ ଜନତା ପାର୍ଟି (ଭାଜପା) ପକ୍ଷରୁ ବୁଧବାର ଦକ୍ଷିଣାଞ୍ଚଳ ରାଜସ୍ୱ କମିଶନର (ଆରଡିସି)ଙ୍କୁ ଦାବିପତ୍ର ପ୍ରଦାନ କରାଯାଇଛି। ଦାବି ପତ୍ରରେ ଉଲେଖ ରହିଛି, ଏମ୍‌କେସିଜିରେ ଡାକ୍ତର ଓ ରୋଗୀ ସମ୍ପର୍କୀୟଙ୍କ ମଧ୍ୟରେ ଗଣ୍ଡଗୋଳ ଏକ ନିତିଦିନିଆ ଘଟଣା ହୋଇଛି। ଯାହାଦ୍ୱାରା ଚିକିତ୍ସା ପାଇଁ ରୋଗୀମାନେ ହସ୍ପିଟାଲକୁ ଆସିବା ପାଇଁ ଭୟ କରୁଛନ୍ତି। ଏଠାରେ ସମସ୍ତ ଚିକିତ୍ସା ସେବା ପିଜି ଛାତ୍ର ଓ ହାଉସ ସର୍ଜନଙ୍କ ଦ୍ୱାରା ପରିଚାଳିତ ହେଉଥିବା ଭାଜପା କହିଛି। ପିଜି ଛାତ୍ର ଓ ହାଉସ ସର୍ଜନଙ୍କ ଉପରେ ରୋଗୀଙ୍କ ସଂପୂର୍ଣ୍ଣ ଭରସା ରହିଛି। କିନ୍ତୁ ଚିକିତ୍ସା ଅବହେଳାକୁ ନେଇ ରୋଗୀ ସମ୍ପର୍କୀୟ ପ୍ରଶ୍ନ ଉଠାଇଲେ ଛାତ୍ର ଓ ହାଉସ୍ ସର୍ଜନଙ୍କ ମାଡର ଶୀକାର ହେଉଛନ୍ତି। ଏପରିକି ସମ୍ପର୍କୀୟ ଜେଲ ମଧ୍ୟ ଯାଉଛନ୍ତି।

ଅନ୍ୟପଟେ ଡାକ୍ତରଙ୍କ ପାଇଁ ସୁରକ୍ଷା ଥିବା ବେଳେ ସମ୍ପର୍କୀୟଙ୍କ ନିମନ୍ତେ କୌଣସି ସୁରକ୍ଷା ବ୍ୟବସ୍ଥା ନାହିଁ। ଫଳରେ ସମ୍ପର୍କୀୟ ଡାକ୍ତରଙ୍କ ଆକ୍ରୋଶର ଶୀକାର ହେଉଛନ୍ତି। ଏଣୁ ଏହାର ନିରପେକ୍ଷ ତଦନ୍ତ ପାଇଁ କମିଟି ଗଠନ କରି ଅବସରପ୍ରାପ୍ତ ଜଜ୍, ପୋଲିସ ଅଧିକାରୀ ଓ ସ୍ଥାନୀୟ ସମାଜିକକର୍ମୀଙ୍କୁ କମିଟିରେ ଅନ୍ତର୍ଭୁକ୍ତ କରିବା ପାଇଁ ସେଲ ପକ୍ଷରୁ ଦାବି ହୋଇଛି। ଏଥିସହ ହସ୍ପିଟାଲର ପ୍ରସୂତି ବିଭାଗରେ ହେଲ୍ପ ଡେସ୍କ ଖୋଲାଯାଇ ପ୍ରତି ୩୦ ମିନିଟରେ ଥରେ ରୋଗୀଙ୍କ ଚିକିତ୍ସା ସମ୍ବନ୍ଧୀୟ ତଥ୍ୟ ପ୍ରଦାନ ଓ ପ୍ରତ୍ୟହ ବିଭାଗର ୟୁନିଟ ମୁଖ୍ୟ ଡାକ୍ତର ଡ୍ୟୁଟିରେ ରହିବା ପାଇଁ ଦାବି ହୋଇଛି। ଦାବି ପତ୍ର ପ୍ରଦାନ ସମୟରେ ଭାଜପା ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ କାହ୍ନୁ ଚରଣ ପତି, ସ୍ୱାସ୍ଥ୍ୟ ସେଲର ଗଞ୍ଜାମ ଜିଲା ସଂଯୋଜକ ରାଜୀବ କୁମାର ମିଶ୍ରଙ୍କ ସମେତ ସୁବାସ ଚନ୍ଦ୍ର ସାହୁ, ରାମ କୁମାର ପାତ୍ର, ରତ୍ନଗର୍ଭା ସରସ୍ୱତୀ, ଗୌରୀ ଶଙ୍କର ମହାନ୍ତି, ପ୍ରଭାତ କିରଣ ଷଡଙ୍ଗୀ ଓ ଶ୍ରୀଧର ସାହୁ ପ୍ରମୁଖ ଉପସ୍ଥିତ ଥିଲେ।



ବ୍ରହ୍ମପୁର ବଡ଼ ଡାକ୍ତରଖାନାରେ ରୋଗୀ ଓ ସମ୍ପର୍କୀୟଙ୍କ ସୁରକ୍ଷା ଦାବି ନେଇ ଭାଜପା ପକ୍ଷରୁ ବୁଧବାର ଦକ୍ଷିଣାଞ୍ଚଳ ରାଜସ୍ୱ କମିଶନରଙ୍କୁ ଦାବିପତ୍ର ପ୍ରଦାନ କରାଯାଉଛି।

# ଅନୈତିକ ସମ୍ପର୍କ ଧରାପଡ଼ିବା ଭୟରେ ହତ୍ୟା

## ଦିବ୍ୟାଙ୍ଗ ଯୁବତୀଙ୍କ ମୃତଦେହ ଜବତ ଘଟଣା

ବ୍ରହ୍ମପୁର ଅଫିସ,୧୮।୧

ଗଞ୍ଜାମ ଜିଲା କେ.ନୂଆଗାଁ ଥାନା ଅନ୍ତର୍ଗତ ଚୌଧୁରୀ ଟିକରପଡା ଗ୍ରାମରେ ଦିବ୍ୟାଙ୍ଗ ଯୁବତୀଙ୍କୁ ହତ୍ୟା କରାଯାଇଥିଲା। ଏହି ହତ୍ୟା ଘଟଣାର ମୁଖ୍ୟ ଅଭିଯୁକ୍ତ ରୁବିତା ଅଧିକାରୀଙ୍କୁ ପୋଲିସ ଭୁବନେଶ୍ୱରରୁ ଗିରଫ କରିଛି। ସେହିପରି ଅନ୍ୟତମ ଅଭିଯୁକ୍ତ ତଥା ରୁବିତାଙ୍କ ପ୍ରେମିକ ପଦ୍ମନ ସାହୁଙ୍କୁ ଚୌଧୁରୀ ଟିକରପଡ଼ା ଗ୍ରାମରୁ ଗିରଫ କରାଯାଇଛି। ଅନୈତିକ ସମ୍ପର୍କ ଜଣାପଡିଯିବା ଭୟରେ ସେମାନେ ବିଷ୍ଣୁପ୍ରିୟାଙ୍କୁ ଶ୍ୱାସରୁଦ୍ଧ କରି ହତ୍ୟା କରିଥିଲେ। ଏ ନେଇ ବୁଧବାର ଅପରାହ୍ନରେ ବ୍ରହ୍ମପୁର ଏସପି ଡା. ଶର୍ବଣା ବିବେକ ଏମ୍ ଆୟୋଜିତ ଏକ ଖବରଦାତା ସମ୍ମିଳନୀରେ ସୂଚନା ଦେଇଛନ୍ତି। ପୋଲିସ ମୃତ ଯୁବତୀ ପିନ୍ଧିଥିବା ମୁଣ୍ଡର କ୍ଲିପ୍, ଭଙ୍ଗାଚୁଡି, ସାଲ୍ ଜବତ କରିଥିବା ବେଳେ ଅନ୍ୟପଟେ ଅଭିଯୁକ୍ତ ରୁବିତାଙ୍କ ଘରୁ ରକ୍ତଭିଜା ତକିଆ ସହ ବେଡସିଟକୁ ଜବତ କରିଛି। ଉଭୟେ ପୁଲିସ ନିକଟରେ ପୁରା ଘଟଣାର ଡେମୋ ଦେଖାଇଥିଲେ। ସୂଚନାଯୋଗ୍ୟ, ବିଷ୍ଣୁପ୍ରିୟା ଜଣେ ଦିବ୍ୟାଙ୍ଗ ଯୁବତୀ। ସେ ରାତିରେ ରୁବିତାଙ୍କ ପଡିଶାରେ ରହୁଥିବା ତାଙ୍କ ଭଉଣୀଙ୍କ ଘରକୁ ଶୋଇବା ପାଇଁ ଯାଉଥିଲେ। ଚଳିତ ମାସ ୮ ତାରିଖରେ ସେ ତାଙ୍କ ଭଉଣୀଙ୍କ ଘରକୁ ଶୋଇବାକୁ ଯାଇଥିଲେ। ଅନ୍ୟପଟେ ରୁବିତା ଅଧିକାରୀ ଗାଁକୁ ଆସିଥିଲେ। ଉକ୍ତ ଦିନ ରାତିରେ ସେହି ଗ୍ରାମରେ ରହୁଥିବା ତାଙ୍କ ପ୍ରେମିକ ପଦ୍ମନ ମଧ ରୁବିତାଙ୍କ ଘର ଭିତରକୁ ଯିବାର ବିଷ୍ଣୁପ୍ରିୟା ଦେଖିଥିଲେ। ବିଷ୍ଣୁପ୍ରିୟା ଗାଁ ଲୋକଙ୍କୁ କହିଦେବ ଭାବି ପଦ୍ମନ ତାଙ୍କୁ ମାଡ ମାରିବା ସହ ଘର ଭିତରକୁ ଟାଣି ଟାଣି ନେଇଯାଇଥିଲା। ପରେ ଉଭୟେ ଯୋଜନା ମୁତାବକ ବିଷ୍ଣୁପ୍ରିୟାଙ୍କୁ ହତ୍ୟା କରିଥିଲେ।

# ଇଣ୍ଡିଆ ବୁକ୍ ଅଫ୍ ରେକର୍ଡ୍ସରେ ସ୍ଥାନିତ

## ସତ୍ୟଙ୍କ କ୍ଷୁଦ୍ରତମ ହକି ଷ୍ଟିକ୍

ବ୍ରହ୍ମପୁର ଅଫିସ,୧୮।୧

ପୁରୁଷ ବିଶ୍ୱକପ୍ ହକି ଅବସରରେ ବାଲୁକା ଶିଳ୍ପୀ ସତ୍ୟ ନାରାୟଣ ମହାରଣା କ୍ଷୁଦ୍ରତମ ହକି ଷ୍ଟିକ୍ ନିର୍ମାଣ କରି ଇଣ୍ଡିଆ ବୁକ୍ ଅଫ୍ ରେକର୍ଡ ନିମନ୍ତେ ମନୋନୀତ ହୋଇଛନ୍ତି। ସତ୍ୟ ଗତ ୮ ତାରିଖରେ ୫ ମିଲିମିଟର ଲମ୍ବ ଓ ୧ ମିଲିମିଟର ଓସାର ବିଶିଷ୍ଟ ହକି ଷ୍ଟିକ୍ ଗମ୍ଭାରୀ କାଠରେ ତିଆରି କରିଥିଲେ। ଯେଉଁଥିପାଇଁ ତାଙ୍କୁ ୩୦ ମିନିଟ ସମୟ ଲାଗିଥିଲା। ଏଭଳି କଳାକୃତି ନିର୍ମାଣ କରି ସେ ହକିକୁ ସ୍ୱାଗତ ଜଣାଇବା ସହ ମୁଖ୍ୟମନ୍ତ୍ରୀଙ୍କୁ ଧନ୍ୟବାଦ ଜଣାଇଥିଲେ। ତେବେ ସତ୍ୟ ତାଙ୍କର କଳାକୃତିକୁ ବିଶ୍ୱର ସବୁଠାରୁ କ୍ଷୁଦ୍ରତମ ବୋଲି ଦୃଢୋକ୍ତି ପ୍ରକାଶ କରିଥିଲେ। ଏହାପରେ ସେ ଇଣ୍ଡିଆ ବୁକ୍ ଅଫ୍ ରେକର୍ଡ ନିମନ୍ତେ ଆବେଦନ କରିଥିଲେ। ବର୍ତ୍ତମାନ ସତ୍ୟଙ୍କ ଏହି କଳାକୃତି ଇଣ୍ଡିଆ ବୁକ୍ ଅଫ୍ ରେକର୍ଡ୍ସ ନିମନ୍ତେ ମନୋନୀତ ହୋଇଥିବା କହିଛନ୍ତି। ଆଗାମୀ ଦିନରେ ଏସିଆ ବୁକ୍ ଅଫ୍ ରେକର୍ଡ୍ସ ହାସଲ କରିବେ ବୋଲି ସେ ଆଶାବାଦୀ ଅଛନ୍ତି।



ବାଲୁକାଶିଳ୍ପୀ ସତ୍ୟ ନିର୍ମାଣ କରିଥିବା କ୍ଷୁଦ୍ରତମ ହକି ଷ୍ଟିକ୍ ।

# ସାମୁଦ୍ରିକ ବିଜ୍ଞାନ ବିଭାଗର ଅନ୍ତର୍ଜାତୀୟ କର୍ମଶାଳା

## ବ୍ରହ୍ମପୁର ବିଶ୍ୱବିଦ୍ୟାଳୟ

ବ୍ରହ୍ମପୁର ଅଫିସ,୧୮।୧

ବ୍ରହ୍ମପୁର ବିଶ୍ୱବିଦ୍ୟାଳୟର ସ୍ନାତକୋତ୍ତର ସାମୁଦ୍ରିକ ବିଜ୍ଞାନ ବିଭାଗ ପକ୍ଷରୁ ବୁଧବାର ନୂତନ ସମ୍ମିଳନୀ କକ୍ଷରେ ଭାରତ-ଇଂଲାଣ୍ଡ ମିଳିତ ପ୍ରକଳ୍ପ ଆନୁକୂଲ୍ୟରେ 'ସାମୁଦ୍ରିକ ପରିବେଶରେ ପ୍ଲାଷ୍ଟିକ୍' ଶୀର୍ଷକ ଏକଦିବସୀୟ ଅନ୍ତର୍ଜାତୀୟ କର୍ମଶାଳା ଅନୁଷ୍ଠିତ ହୋଇଯାଇଛି। ଏଥିରେ ପିଜି କାଉନସିଲ ଅଧକ୍ଷ ପ୍ରଫେସର ପ୍ରତାପ କୁମାର ମହାନ୍ତି ଅଧ୍ୟକ୍ଷତା କରିଥିଲେ। ମୁଖ୍ୟ ଅତିଥି ଭାବେ ଖଲ୍ଲିକୋଟ ବିଶ୍ୱବିଦ୍ୟାଳୟ କୁଳପତି ପ୍ରପେସର ପ୍ରଫୁଲ୍ଲ କୁମାର ମହାନ୍ତି ଯୋଗ ଦେଇଥିଲେ। ସମ୍ମାନିତ ଅତିଥି ଭାବେ ଚେନ୍ନାଇସ୍ଥିତ ରାଷ୍ଟ୍ରୀୟ ତଟୀୟ ଅନୁସନ୍ଧାନ କେନ୍ଦ୍ର ବୈଜ୍ଞାନିକ ଡ. ପ୍ରଭାକର ମିଶ୍ର, ମୁଖ୍ୟବକ୍ତା ଇଂଲଣ୍ଡର ପରିବେଶ ମତ୍ସ୍ୟ ଓ ଜଳଚର ବିଜ୍ଞାନ କେନ୍ଦ୍ର(ସେଫାସ୍)ର ବରିଷ୍ଠ ବୈଜ୍ଞାନିକ ଡାଭିଡ୍ ସିଭୟର ଓ ଅନ୍ୟତମ ଅତିଥି ଭାବେ ଡ. ଡାନିଆ ହୋଏନ୍ ଆଦମ୍ସ ଉପସ୍ଥିତ ଥିଲେ। କର୍ମଶାଳାରେ ମୁଖ୍ୟ ଅତିଥି ଡ଼.ମହାନ୍ତି ପ୍ଲାଷ୍ଟିକର ଦୁରୁପଯୋଗ ଫଳରେ ଜନବସତି ସହିତ ସମୁଦ୍ରତଟ, ଉପକୂଳ ଏବଂ ସାମୁଦ୍ରିକ ଜୀବଙ୍କ ଉପରେ ଏହାର କୁପ୍ରଭାବ ଓ ଏଥିରୁ ମୁକ୍ତି ପାଇବା ପାଇଁ ଆବଶ୍ୟକ ସାମୁହିକ ସହଯୋଗ ସମ୍ପର୍କରେ ଦୃଷ୍ଟିପାତ କରଥିଲେ। ସେହିପରି ସମ୍ମାନିତ ଅତିଥି ବୈଜ୍ଞାନିକ ଡ଼.ମିଶ୍ର ସମୁଦ୍ର ତଟକୁ ସ୍ୱଛ ଓ ପ୍ଲାଷ୍ଟିକ ମୁକ୍ତକରି ସାମୁଦ୍ରିକ ବାୟୁମଣ୍ଡଳ ପ୍ରଦୁଷଣ ରୋକିବା ନିମନ୍ତେ ଭାରତ ସରକାରଙ୍କ ପକ୍ଷରୁ ହାତକୁ ନିଆଯାଇଥିବା ବିଭିନ୍ନ ପଦକ୍ଷେପ ଓ ଯୋଜନା ସମ୍ପର୍କରେ ଆଲୋଚନା କରିଥିଲେ। ମୁଖ୍ୟବକ୍ତା ସେଫାସ ବୈଜ୍ଞାନିକ ସିଭୟର , ବୈଜ୍ଞାନିକ ଆଦମ୍ସ ଓ ପିଜି କାଉନସିଲ ଅଧକ୍ଷ ପ୍ରଫେସର ପ୍ରତାପ କୁମାର ମହାନ୍ତି ଏହି କର୍ମଶାଳାରେ ଭାରତ-ଇଂଲାଣ୍ଡ ମିଳିତ ସହଯୋଗରେ ସାମୁଦ୍ରିକ ପ୍ରଦୂଷଣ ନିୟନ୍ତ୍ର ନିମନ୍ତେ ହାତକୁ ନିଆଯାଇଥିବା ବହୁ ଯୋଜନା ଯେପରିକି 'ସମୁଦ୍ରତଟର ସ୍ୱଚ୍ଛତା ଓ ତହିଁରେ ଜନସମୁଦାୟର ଭୂମିକା', 'ଭାରତୀୟ ରିମୋର୍ଟ ସେନସିଂ ଉପଗ୍ରହ(ପି-୪) ଓସିଏନ୍ କଲର ମୋନିଟୋରିଂ ସେନ୍ସର ଆପ୍ଲିକେସନ୍ସ' ଏବଂ 'ବାଇଓଜିଓକେମିକାଲ ଚକ୍ରରେ ସାମୁଦ୍ରିକ ଜଳ ଉଭିଦର ଗୁରୁତ୍ୱ ସମ୍ପର୍କରେ ସ୍ୱତନ୍ତ୍ର ବକ୍ତାଭାବେ ଉପସ୍ଥିତ ରହି ନିଜ ନିଜ ଗବେଷଣା ଲବ୍ଧ ତଥ୍ୟ ଉପସ୍ଥାପନ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ବିଭାଗର ପ୍ରଫେସର ତମୋଘ୍ନ ଆଚାର୍ଯ୍ୟ, ସହକାରୀ ପ୍ରଫେସର ଡ. ଶେଷଦେବ ପାତ୍ର, ସହକାରୀ ଅଧାପିକା ଡ. ଶୁଚିସ୍ମିତା ଶ୍ରୀଚନ୍ଦନ, ଡ. ଦୁଷ୍ମନ୍ତ ମହାରଣା, ଡ. ଶକ୍ତିଧର ନାହାକ ପ୍ରମୁଖ ପରିଚାଳନା କରିଥିଲେ।




କର୍ମଶାଳାରେ ମଞ୍ଚାସୀନ ଅତିଥି ଓ ଅଧାପକ।

